# ଖଡ଼ଗପୁର ଆଇଆଇଟି ଭୁବନେଶ୍ୱରରେ କ୍ୟାମ୍ପସ୍ ଖୋଲିବ

ଭୁବନେଶ୍ୱର, ତା ୨୩/୭ (ଭୁପ୍ର)—ଭୁବନେଶ୍ୱରରେ ଆଇଆଇଟିର କ୍ୟାମ୍ପସ ଖୋଲାଯିବ । ଏହି କ୍ୟାମ୍ପସ ନିମନ୍ତେ ଆବଶ୍ୟକ ପଡୁଥିବା ଜମି ଓ ଅନ୍ୟାନ୍ୟ ସୁବିଧାସୁଯୋଗ ଯୋଗାଇଦେବାକୁ ରାଜ୍ୟ ସରକାର ରାଜି ହୋଇଛି ।

ଆଜି ସଚିବାଳୟଠାରେ ଏଆଇସିଟିଇର ଅଧ୍ୟକ୍ଷ ଡକ୍ଟର ଦାମୋଦର ଆଚାର୍ଯ୍ୟ, ଖଡଗପୁର ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଏସ୍.କେ.ଦୁବେ ଓ ଅନ୍ୟ ପଦାଧିକାରୀବୃନ୍ଦ ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଏହି ସାକ୍ଷାତ କାଳରେ ଓଡିଶାରେ ଆଇଆଇଟି କ୍ୟାମ୍ପସ ସ୍ଥାପନ କରିବାକୁ ଆଲୋଚନା କରାଯାଇଥିଲା । କ୍ୟାମ୍ପସ ଖୋଲିବା ନେଇ ପ୍ରକଳ୍ପ ରିପୋର୍ଟ ଏକମାସ ମଧ୍ୟରେ ପ୍ରସ୍ତୁତ କରାଯିବ ବୋଲି ଖଡ଼ଗପୁର ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଦୁବେ ଆଲୋଚନା କାଳରେ ସୂଚନା ଦେଇଥିଲେ । ଭୁବନେଶ୍ୱର କ୍ୟାମ୍ପସରେ ଜୈବ ବିଜ୍ଞାନ, ଧାତୁ ବିଜ୍ଞାନ, ଖଣି ଓ ନୂଆ ନୂଆ ବିଷୟର ପାଠ୍ୟକ୍ରମ ଖୋଲାଯିବ । ପାଞ୍ଚ ହଜାର ପିଲାଙ୍କ ପାଇଁ ବୈଷୟିକ ଶିକ୍ଷାଦାନର ବ୍ୟବସ୍ଥା ରହିବ । ସୂଚନାଯୋଗ୍ୟ ଖଡ଼ଗପୁରରେ ମଧ୍ୟ ପାଞ୍ଚହଜାର ପିଲାଙ୍କ ପାଇଁ ବ୍ୟବସ୍ଥା ରହିଛି । ରାଜ୍ୟରେ ଥିବା ଇଞ୍ଜିନିୟରିଂ କଲେଜରେ ଶିକ୍ଷାର ମାନ ବୃଦ୍ଧି ପାଇଁ ଏକ ଗବେଷଣା ଓ ବିକାଶ କେନ୍ଦ୍ର ଖୋଲାଯିବ । ଖଡଗପୁର ଆଇଆଇଟିର ଦୁଇଟି ଶାଖା କୋଲକାତା ଓ ଭୁବନେଶ୍ୱରରେ ରହିଛି । ଭୁବନେଶ୍ୱର ଶାଖାର ସମ୍ପ୍ରସାରଣ ଲାଗି ରାଜଧାନୀର ଅତି ନିକଟରେ ୩୦୦ ଏକର ଜମି ଯୋଗାଇଦେବା ପାଇଁ ପ୍ରଫେସର ଦୁବେଙ୍କ ସମେତ ପ୍ରତିନିଧି ଦଳର ଅନ୍ୟ ସଭ୍ୟମାନେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

**ଇଞ୍ଜିନିୟରିଂ ଶିକ୍ଷାର ମାନବୃଦ୍ଧି ପାଇଁ ଖୋଲିବ ଗବେଷଣା ଓ ବିକାଶ କେନ୍ଦ୍ର**

• ପୃଷ୍ଠା ୨ ଦେଖନ୍ତୁ